# NATIONAL NEWS BULLETIN (ODIA)

## 20 August - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ସେନାର ବିକାଶ ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ – କହିଲେ ସେନା ମୁଖ୍ୟ ।
- ସମସ୍ତ କେନ୍ଦ୍ରୀୟ ହସ୍ପିଟାଲ୍‌ରେ ସୁରକ୍ଷା ବ୍ୟବସ୍ଥା ୨୫ ପ୍ରତିଶତ ବୃଦ୍ଧି କରିବାକୁ ଅନୁମତି ଦେଲେ କେନ୍ଦ୍ର ସରକାର ।
- ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ୍‌ର ସମୀକ୍ଷା କଲେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।
- ତିନିଦିନିଆ ଭାରତ ଗସ୍ତରେ ପହଞ୍ଚିଲେ ମାଲେସିଆ ପ୍ରଧାନମନ୍ତ୍ରୀ ଡାଟୋ ସେରି ଅନୱ୍ୱର ବିନ୍ ଇବ୍ରାହିମ୍ ।

ଏବଂ

- ଚୀନ୍‌ର ଏକ କାରଖାନାରେ ବିସ୍ଫୋରଣ ଘଟି ୩ ମୃତ, ୨ ନିଖୋଜ ।

# ସେନା ମୁଖ୍ୟ ବୈଠକ

ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଭାରତୀୟ ସେନାର ବିକାଶ ଦିଗରେ ଗ୍ରହଣ କରାଯାଉଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲରେ ଏହାର ଅବଦାନ ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସେନା ମୁଖ୍ୟାଳୟ, କମାଣ୍ଡ ମୁଖ୍ୟାଳୟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଢାଞ୍ଚାର ପୁନର୍ଗଠନ ନେଇ ଆବଶ୍ୟକ ଦକ୍ଷତା ଏବଂ ପରିଚାଳନାଗତ ପ୍ରସ୍ତୁତି ସୁନିଶ୍ଚିତ କରିବା ଉପରେ ଆଲୋଚନା ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

ଭାରତୀୟ ସେନାର ଧ୍ୟାନ ସମସ୍ତ ଯୁଦ୍ଧାସ୍ତ୍ର, ଯୁଦ୍ଧ ସହାୟକ ଅସ୍ତ୍ରଶସ୍ତ୍ର ଏବଂ ଲଜିଷ୍ଟିକ୍ ୟୁନିଟର ଆଧୁନିକୀକରଣ ଉପରେ ରହିବ। ଭବିଷ୍ୟତରେ ଯୁଦ୍ଧର ଆହ୍ୱାନର ମୁକାବିଲା ପାଇଁ ସେନା, ନୌସେନା ଏବଂ ବାୟୁସେନା ମଧ୍ୟରେ ମିଳିତ ଅଭିଯାନ ବୃଦ୍ଧି ଏବଂ ଏକକୀରଣ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଭାରତୀୟ ସେନା ସ୍ୱଦେଶୀକରଣ ଉପରେ ଗୁରୁତ୍ୱ ଦେବ, ଘରୋଇ ପ୍ରତିରକ୍ଷା ଶିଳ୍ପକୁ ସମର୍ଥନ କରିବ ଏବଂ ଏକ ଅଗ୍ରଣୀ ପ୍ରତିରକ୍ଷା ରପ୍ତାନୀକାରୀ ଭାବରେ ଦେଶର ସ୍ଥିତିରେ ଉନ୍ନତି ଆଣିବ।

# ଗଭ୍-ହସ୍ପିଟାଲ୍ ସିକ୍ୟୁରିଟି

କେନ୍ଦ୍ର ସରକାରଙ୍କ ସମସ୍ତ କେନ୍ଦ୍ରୀୟ ହସ୍ପିଟାଲରେ ସୁରକ୍ଷା ବ୍ୟବସ୍ଥାକୁ ୨୫ ପ୍ରତିଶତ ବୃଦ୍ଧି କରିବାକୁ ଅନୁମତି ଦେଇଛନ୍ତି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଷ୍ଟାଣ୍ଡାର୍ଡ ସିକ୍ୟୁରିଟି ପ୍ରୋଟୋକଲ ବ୍ୟତୀତ ସରକାରୀ ହସ୍ପିଟାଲଗୁଡ଼ିକର ଏକକ ଦାବି ଆଧାରରେ ମାର୍ଶାଲ ମୁତୟନକୁ ମଧ୍ୟ ଅନୁମୋଦନ ଦିଆଯିବ। ସୂଚନା ଅନୁଯାୟୀ କୋଲକାତା ଡାକ୍ତରଖାନା ମାମଲାକୁ ଆଧାର କରି କେନ୍ଦ୍ରୀୟ ଆଇନ ଆଣିବାରେ ବିଶେଷ କିଛି ଫରକ ପଡ଼ିବ ନାହିଁ କାରଣ କନିଷ୍ଠ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ରୋଗୀ-ଡାକ୍ତର ହିଂସାର ମାମଲା ନୁହେଁ ବୋଲି କୁହାଯାଇଛି ।

କୋଲକାତାର ଏକ ହସ୍ପିଟାଲରେ ଜଣେ ପ୍ରଶିକ୍ଷାର୍ଥୀ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ କେନ୍ଦ୍ରୀୟ ଆଇନ ଦାବିରେ ଦେଶର ବିଭିନ୍ନ ସ୍ଥାନରେ ଆବାସିକ ଡାକ୍ତରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ପଶ୍ଚିମବଙ୍ଗ, ଦିଲ୍ଲୀ, ହରିୟାଣା ଓ କେରଳ ସମେତ ୨୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ପାଇଁ ଆଇନ ପାରିତ କରିଛନ୍ତି। ଏହି ଅପରାଧ ଗୁଡ଼ିକ ଜାମିନ ବିହୀନ ହେବ ବୋଲି ଜଣାପଡ଼ିଛି ।

ଏ କ୍ଷେତ୍ରରେ କେତେକ ଚିକିତ୍ସକ ସଂଘ ସହ ବୈଠକ କରାଯାଇ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ଡ୍ୟୁଟି ରୁମ୍ ଓ କାର୍ଯ୍ୟ ସମୟ ଭଳି ହସ୍ପିଟାଲରେ ସୁରକ୍ଷା ଓ ସୁବିଧାର ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରିବା

ପାଇଁ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ ବୋଲି ଜଣାପଡ଼ିଛି ।

## ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ରାଷ୍ଟ୍ରପତି ଭବନରେ ଦେଶର ବିଭିନ୍ନ ବିଦ୍ୟାଳୟର ପିଲାଙ୍କ ସହ ରକ୍ଷାବନ୍ଧନ ପାଳନ କରିଥିଲେ। ଏକ ବିବୃତିରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ କହିଛି ଯେ ୧୬ଟି ରାଜ୍ୟର ସରକାରୀ ବିଦ୍ୟାଳୟର ୧୮୦ରୁ ଅଧିକ ଛାତ୍ରଛାତ୍ରୀ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ । ଛାତ୍ରଛାତ୍ରୀମାନେ ମଧ୍ୟ ଅମୃତ ଉଦ୍ୟାନ ବୁଲି ଦେଖିଥିଲେ ।

ଏହି ଅବସରକୁ ସ୍ୱତନ୍ତ୍ର କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ଓ ମାର୍ଗଦର୍ଶନ ଦେଇଥିବାରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କୋଲକାତା-ଆର୍‌ଜି କର୍ ମେଡିକାଲ୍

କୋଲକାତାର ଆର୍ ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଆର୍ଥିକ ଅନିୟମିତତାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ସରକାର ୪ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଛନ୍ତି। ପଶ୍ଚିମବଙ୍ଗର ବାରାକପୁରସ୍ଥିତ

ସ୍ୱାମୀ ବିବେକାନନ୍ଦ ରାଜ୍ୟ ପୁଲିସ ଏକାଡେମୀର ମହାନିର୍ଦ୍ଦେଶକ ଆଇପିଏସ୍ ପ୍ରଣବ କୁମାରଙ୍କ ନେତୃତ୍ୱରେ ଏହି ଟିମ୍ ଗଠନ କରାଯାଇଛି। ୨୦୨୧ ଜାନୁଆରୀରୁ ଆଜି ପର୍ଯ୍ୟନ୍ତ ଅର୍ଥନୈତିକ ଗତିବିଧିର ତଦନ୍ତ କରାଯିବ। ଏକ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

## କୋଲକାତା-ପୁଲିସ୍

ଜଣେ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ କୋଲକାତା ପୁଲିସ ଦୁଇ ଜଣ ପ୍ରତିଷ୍ଠିତ ଡାକ୍ତରଙ୍କୁ ପଚରାଉଚରା ପାଇଁ ଡକାଇବା ପରେ ଶତାଧିକ ଡାକ୍ତର ରାଜରାସ୍ତାକୁ ଓହ୍ଲାଇଥିଲେ। ଆର୍ ଜି କର ମାମଲାର ପୀଡ଼ିତାଙ୍କ ନାମ ପ୍ରକାଶ କରିବା ଏବଂ ସାମାଜିକ ଗଣମାଧ୍ୟମରେ ଭୁଲ ତଥ୍ୟ ପ୍ରଚାର କରିବା ମାମଲାରେ ଦୁଇ ବରିଷ୍ଠ ଡାକ୍ତରଙ୍କୁ ପଚରାଉଚରା ପାଇଁ ସମନ ଜାରି କରାଯାଇଥିଲା।

ସମ୍ପୃକ୍ତ ଦୁଇ ଜଣ ଡାକ୍ତର ସହର ପୁଲିସ ମୁଖ୍ୟାଳୟ ଅଭିମୁଖେ ଯିବା ଆରମ୍ଭ କରିବା ବେଳେ କନିଷ୍ଠ ଓ ବରିଷ୍ଠ ଡାକ୍ତର ଓ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସମେତ ସହରର ଶତାଧିକ ଲୋକ ସେମାନଙ୍କ ସହ ଯାଇଥିଲେ ।

# ପିଏମ୍-ପାରା ଅଲିମ୍ପିକ୍ସ

ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ପ୍ୟାରିସ୍ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ଭାରତୀୟ ଦଳ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋଚନା କରିଛନ୍ତି। ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ଏହି ଆଲୋଚନାରେ ଶ୍ରୀ ମୋଦୀ କହିଛନ୍ତି, କ୍ରୀଡ଼ାବିତ୍ମାନେ ଭାରତର ପତାକାଧାରୀ ଭାବେ ପ୍ୟାରିସ୍ ଯାଉଛନ୍ତି। ଏହି ଯାତ୍ରା ସେମାନଙ୍କ ଜୀବନ ଓ କ୍ୟାରିୟରର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯାତ୍ରା ହେବାକୁ ଯାଉଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ, ଏହି ଯାତ୍ରା ଦେଶ ପାଇଁ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ସେ କହିଛନ୍ତି, ପ୍ୟାରିସରେ ଆଥଲେଟଙ୍କ ଉପସ୍ଥିତି ସହ ଦେଶର ଗୌରବ ଜଡ଼ିତ। ୧୪୦ କୋଟି ଦେଶବାସୀ ଆଥଲେଟ୍‌ମାନଙ୍କୁ ଆଶୀର୍ବାଦ ଦେଉଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି। ସେ କହିଛନ୍ତି ଯେ ଯେତେବେଳେ ଜଣେ ଆଥଲେଟ୍ କୌଣସି କ୍ରୀଡ଼ାରେ ଏତେ ବଡ଼ ସ୍ତରରେ ପହଞ୍ଚନ୍ତି, ସେତେବେଳେ ଏହା ସାହସ, ସମର୍ପଣ ଏବଂ ତ୍ୟାଗର କାହାଣୀକୁ ପ୍ରତିଫଳିତ କରିଥାଏ।

# ଅର୍ଥମନ୍ତ୍ରୀ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବର୍ତ୍ତମାନ ସମସ୍ତ ୪୩ଟି ଆର୍‌ଆର୍‌ବି ସହ ଏହି ବୈଠକରେ ବ୍ୟବସାୟିକ ପ୍ରଦର୍ଶନ, ଡିଜିଟାଲ ଟେକ୍ନୋଲୋଜି ସେବାର ଉନ୍ନତିକରଣ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟରରେ ବ୍ୟବସାୟ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଗ୍ରାମୀଣ ଅର୍ଥନୀତିକୁ ସମର୍ଥନ କରିବାରେ ଆର୍‌ଆର୍‌ବି ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଶ୍ରୀମତୀ ସୀତାରମଣ ଆର୍‌ଆର୍‌ବି ମାନଙ୍କୁ ସେମାନଙ୍କ ପ୍ରାୟୋଜକ ବ୍ୟାଙ୍କଗୁଡିକର ସକ୍ରିୟ ସମର୍ଥନରେ ପିଏମ୍ ବିଶ୍ୱକର୍ମା ଏବଂ ପିଏମ୍ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନା ପରି ବିଭିନ୍ନ ଯୋଜନାରେ ଋଣ ମଞ୍ଜୁର କରିବା ସମୟରେ ହିତାଧିକାରୀଙ୍କ ସ୍ପଷ୍ଟ ଚିହ୍ନଟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ତୃଣମୂଳ ସ୍ତରର କୃଷି ଋଣ ବିତରଣରେ ଆର୍‌ଆର୍‌ବି ଗୁଡ଼ିକୁ ସେମାନଙ୍କ ଅଂଶ ବୃଦ୍ଧି କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ।

ଶ୍ରୀମତୀ ସୀତାରମଣ ପ୍ରାୟୋଜକ ବ୍ୟାଙ୍କ ଏବଂ ଆରଆରବିଗୁଡ଼ିକୁ ଆଗକୁ ଆସୁଥିବା ଆହ୍ୱାନଗୁଡ଼ିକୁ ଗ୍ରହଣ କରି ସମ୍ପତ୍ତିର ଗୁଣବତ୍ତା ବଜାୟ ରଖିବା, ଡିଜିଟାଲ ସେବାର ସମ୍ପ୍ରସାରଣ ଏବଂ ଦୃଢ଼ କର୍ପୋରେଟ୍ ଶାସନ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେବାକୁ କହିଛନ୍ତି ।

# ମାଲେସିଆ ପିଏମ୍ ଆରାଇଭାଲ୍

ମାଲେସିଆର ପ୍ରଧାନମନ୍ତ୍ରୀ ଡାଟୋ ସେରି ଅନୱାର ବିନ୍ ଇବ୍ରାହିମ ତିନି ଦିନିଆ ଭାରତ ଗସ୍ତରେ ଗତକାଲି ରାତିରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। କେନ୍ଦ୍ର ଜଳଶକ୍ତି ଏବଂ ରେଳ ରାଷ୍ଟ୍ରମନ୍ତ୍ରୀ ଭି ସୋମାନ୍ନା ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ମାଲେସିଆର ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ଇବ୍ରାହିମଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ ।

ଆଜି ରାଷ୍ଟ୍ରପତି ଭବନ ପରିସରରେ ଶ୍ରୀ ଇବ୍ରାହିମ୍‌ଙ୍କୁ  ଆନୁଷ୍ଠାନିକ ସ୍ୱାଗତ କରାଯିବା ସହ ସେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମାଲେସିଆ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ସହ ତାଙ୍କ ସମ୍ମାନରେ ମଧ୍ୟାହ୍ନ ଭୋଜନର ଆୟୋଜନ କରିବେ। ଏହାପରେ ଶ୍ରୀ ଇବ୍ରାହିମ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମଙ୍କୁ ମଧ୍ୟ ଭେଟିବେ ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ଭାରତ ଏବଂ ମାଲେସିଆ ମଧ୍ୟରେ ଦୃଢ଼ ଐତିହାସିକ ଏବଂ ସାମାଜିକ-ସାଂସ୍କୃତିକ ସମ୍ପର୍କ ରହିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସମୟରେ ୨୦୧୫ରେ ଦ୍ୱିପାକ୍ଷିକ

ସମ୍ପର୍କକୁ ଉନ୍ନତ ରଣନୈତିକ ଭାଗିଦାରୀର ମାନ୍ୟତା ମିଳିଥିଲା । ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଆସନ୍ତା ବର୍ଷ ଉଭୟ ଦେଶ ଉନ୍ନତ ରଣନୈତିକ ଭାଗିଦାରୀର ଦ୍ୱିତୀୟ ଦଶନ୍ଧିରେ ପ୍ରବେଶ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମଙ୍କ ଗସ୍ତ ଭବିଷ୍ୟତ ପାଇଁ ଏକ ବହୁକ୍ଷେତ୍ରୀୟ ସହଯୋଗ ଏଜେଣ୍ଡା ପ୍ରସ୍ତୁତ କରି ଭାରତ-ମାଲେସିଆ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଦିଗରେ ବାଟ ଖୋଲିବ ।

## ୟୁଏନ୍-ସୁଦାନ

ଦକ୍ଷିଣ ସୁଦାନରେ ସହାୟତା କର୍ମୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଜାତିସଂଘ ରିଲିଫ୍ ଏଜେନ୍ସି ସମସ୍ତ ଅଂଶୀଦାରଙ୍କୁ ଆହ୍ୱାନ ଦେଇଛି। ଦକ୍ଷିଣ ସୁଦାନ ପାଇଁ ଜାତିସଂଘର ମାନବିକତା ସଂଯୋଜକ ଅନିତା କିକି ଗ୍ବେହୋ କହିଛନ୍ତି ଯେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସହାୟତା କର୍ମୀଙ୍କ ଉପରେ ୨୪ଟି ଆକ୍ରମଣ ରେକର୍ଡ କରାଯାଇଛି । ଜାତିସଂଘମାନବୀୟ ବ୍ୟାପାର ସମନ୍ୱୟ କାର୍ଯ୍ୟାଳୟ ଅନୁଯାୟୀ, ସମଗ୍ର ଦେଶରେ ପ୍ରବେଶ ପ୍ରତିବନ୍ଧକ ସବୁଠାରୁ ଦୁର୍ବଳ ଜନସଂଖ୍ୟାକୁ ଜରୁରୀ, ଜୀବନ ରକ୍ଷାକାରୀ ସହାୟତା ପ୍ରଦାନ ପ୍ରୟାସରେ ବାଧା ସୃଷ୍ଟି କରୁଛି। ଜାତିସଂଘ ଏଜେନ୍ସି କହିଛି, ଜୀବନ ରକ୍ଷାକାରୀ ସହାୟତା ଯେପରି ଅଭାବୀ ଲୋକଙ୍କ ପାଖରେ ପହଂଚିପାରିବ ତାହା ସୁନିଶ୍ଚିତ କରିବା ପାଇଁ

ସହାୟତା କର୍ମୀଙ୍କ ବିନା ଭୟରେ କାର୍ଯ୍ୟ କରିବାର କ୍ଷମତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ବୁଲଗେରିଆ ପଲିଟିକାଲ୍ ଡେଭ୍‌ଲପ୍‌ମେଣ୍ଟ

ବୁଲଗେରିଆ ରାଷ୍ଟ୍ରପତି ରୁମେନ ରାଦେଭ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଗୋରିସ୍ୱା ଗ୍ରାଞ୍ଚାରୋଭା-କୋଜାରେଭାଙ୍କ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟନିର୍ବାହୀ ସରକାର ନିଯୁକ୍ତ କରିବାକୁ ମନା କରିଦେଇଛନ୍ତି ଏବଂ ତାଙ୍କ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି । ଶ୍ରୁଶ୍ରୀ କୋଜାରେଭାଙ୍କ ଦ୍ୱାରା ଦିଆଯାଇଥିବା ମନ୍ତ୍ରୀଙ୍କ ତାଲିକା ପାଇବା ପରେ ରାଷ୍ଟ୍ରପତି କହିଛନ୍ତି, ତାଙ୍କ ପ୍ରସ୍ତାବ ରାଜନୈତିକ ପରିସ୍ଥିତିକୁ ଶାନ୍ତ କରିବା ଏବଂ ନିରପେକ୍ଷ ନିର୍ବାଚନ ଆୟୋଜନର ଗ୍ୟାରେଣ୍ଟି ଦେଇପାରିବ ନାହିଁ । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନର ଆଭ୍ୟନ୍ତରୀଣ ମନ୍ତ୍ରୀ କାଲିନ୍ ଷ୍ଟୋୟାନୋଭ ଏହି ପଦରେ ରହିବେ ବୋଲି ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରସ୍ତାବ ଉପରେ ରାଷ୍ଟ୍ରପତି ଅସହମତି ପ୍ରକାଶ କରିଛନ୍ତି । ବୁଲଗେରିଆ ରାଷ୍ଟ୍ରପତି ଶ୍ରୁଶ୍ରୀ କୋଜାରେଭାଙ୍କୁ ଚାରି ଘଣ୍ଟା ମଧ୍ୟରେ ଗୃହ ମନ୍ତ୍ରଣାଳୟର ନେତୃତ୍ୱ ପାଇଁ ଅନ୍ୟ ଜଣେ ପ୍ରାର୍ଥୀଙ୍କୁ ମନୋନୀତ କରିବାକୁ କହିଥିଲେ କିନ୍ତୁ ସେ ତୁରନ୍ତ ଏହା କରିବାକୁ ମନା କରିଦେଇଥିଲେ ।

ଅଗଷ୍ଟ ୯ ତାରିଖରେ ରାଷ୍ଟ୍ରପତି ରାଦେଭ, କୋଜାରେଭାଙ୍କୁ ନୂଆ କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ଭାବେ ମନୋନୀତ କରିଥିଲେ ଏବଂ ତାଙ୍କୁ ଏକ କାମଚଳା ସରକାର ଗଠନ ନିମନ୍ତେ ପ୍ରସ୍ତାବ ଦେବାକୁ କହିଥିଲେ।

## ଗଭ୍-ଲାଟେରାଲ୍ ଏଣ୍ଟ୍ରି

ସରକାର କହିଛନ୍ତି ଯେ କେନ୍ଦ୍ର ସରକାରରେ ଲାଟେରାଲ ଏଣ୍ଟ୍ରି ଦଶନ୍ଧି ଧରି ରହିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ମଧ୍ୟ ୧୯୭୧ମସିହାରେ ବୈଦେଶିକ ବାଣିଜ୍ୟ ମନ୍ତ୍ରଣାଳୟରେ ଅର୍ଥନୈତିକ ପରାମର୍ଶଦାତା ଭାବେ ନିଯୁକ୍ତ ହେବା ପରେ ସରକାରରେ ପ୍ରବେଶ କରିଥିଲେ। ଏଥିରେ କୁହାଯାଇଛି ଯେ ରାଜୀବ ଗାନ୍ଧୀଙ୍କ ପ୍ରଶାସନ କାଳରେ ୮୦ ଦଶକରେ ସାମ୍ ପିଟ୍ରୋଡାଙ୍କୁ ଭାରତ ସରକାରରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ବିମଳ ଜାଲାନ, କୌଶିକ ବସୁ ଏବଂ ରଘୁରାମ ରାଜନ ଲାଟେରାଲ ଏଣ୍ଟ୍ରି ଦେଇ ପ୍ରବେଶ କରିଥିଲେ।

ସୂଚନା ଅନୁଯାୟୀ ମଣ୍ଟେକ୍ ସିଂ ଆଲୁଓ୍ୱାଲିଆଙ୍କୁ ଶିକ୍ଷାନୁଷ୍ଠାନ ଏବଂ ଅନ୍ତର୍ଜାତୀୟ ସଂଗଠନରୁ ସରକାରୀ ଭୂମିକାକୁ ଅଣାଯାଇଥିଲା ଏବଂ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ସେ ଯୋଜନା ଆୟୋଗର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ । ଇନ୍‌ଫୋସିସ୍‌ର ସହ ପ୍ରତିଷ୍ଠାତା ନନ୍ଦନ

ନିଲେକାନି୨୦୦୯ରେ ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆର ମୁଖ୍ୟ ଭାବେ ନିଯୁକ୍ତ ହୋଇଥିଲେ।

## ମେଘୱାଲ୍-କଂଗ୍ରେସ

ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଅମଲାତନ୍ତ୍ରରେ ପ୍ରବେଶ ପ୍ରସଙ୍ଗରେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ଦଳ ତାଙ୍କ ସରକାର ସମୟରେ ଲାଟେରାଲ ଏଣ୍ଟ୍ରି ପ୍ରଥା ଆରମ୍ଭ କରିଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ସମେତ ଅନେକ ଅଧିକାରୀ ଲାଟେରାଲ ଏଣ୍ଟ୍ରି ଭାବେ ସରକାରରେ ପ୍ରବେଶ କରିଥିଲେ। ଶ୍ରୀ ମେଘୱାଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛନ୍ତି ଏବଂ ଲାଟେରାଲ ଏଣ୍ଟ୍ରି ପାଇଁ ଏକ ସଂଗଠିତ ଉପାୟ ପ୍ରସ୍ତୁତ କରିଛନ୍ତି।